ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/SME(Od)/1173/02-11-2023**

# ୱାର୍ଲ୍ଡ ସ୍କିଲ ସେଣ୍ଟରଠାରେ ଭୋକେସନାଲ ଶିକ୍ଷକମାନଙ୍କ ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୦୨/୧୧/୨୦୨୩:

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ୱାର୍ଲ୍ଡ ସ୍କିଲ ସେଣ୍ଟରଠାରେ ଇଲେକ୍ଟ୍ରୋନିକସ ଏବଂ ହାର୍ଡୱେର ଭୋକେସନଲ ବିଷୟରେ ଶିକ୍ଷକମାନଙ୍କ ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି ।

ପ୍ରାରମ୍ଭରେ ୱାର୍ଲ୍ଡ ସ୍କିଲ ସେଣ୍ଟରର କୋର୍ସମାନଙ୍କର ଅସୀମା ପ୍ରିୟଦର୍ଶିନୀ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ । ୱାର୍ଲ୍ଡ ସ୍କିଲ ସେଣ୍ଟର ଉପନିର୍ଦ୍ଦେଶକ ସୁଭାଶିସ ଦାସ WSC ବିଷୟରେ ସମ୍ୟକ ଧାରଣା ଦେଇଥିଲେ । ପୂର୍ବତନ ଉପନିର୍ଦ୍ଦେଶକ ଡ଼କ୍ଟର ତିଳତ୍ତମା ସେନାପତି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଶ୍ରୀମତୀ ରଂଜିତା ମେରୀ ନାୟକ, ଉପଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା, ପ୍ରଶିକ୍ଷାର୍ଥୀମାନଙ୍କୁ NSQF ସିଲାବସ ବିଷୟରେ ଆଲୋଚନା କରିଥିଲେ । ସ୍କୁଲ ଅଫ ଇଞ୍ଜିନିୟରିଂ WSCର ଡିରେକଟର ଇଂ ଚୁନ ଚୋକ ସମସ୍ତ ଟ୍ରେନିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉକ୍ତ ଟ୍ରେନିଂର ଲକ୍ଷ ସମ୍ବନ୍ଧରେ ଅବଗତ କରାଇଥିଲେ । ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଘୁରାମ ଆର୍. ଆୟାର ୩ ଦିବସୀୟ ପ୍ରଶିକ୍ଷଣ ଶିବିରର କାର୍ଯ୍ୟନିର୍ଘଣ୍ଟ ସମ୍ବନ୍ଧରେ ବିବରଣୀ ଦେବା ସହ ପ୍ରଥମ ଥର ପାଇଁ NSQF ସିଲାବସ ଲାଗୁ ହେଉଥିବାରୁ ପ୍ରଶିକ୍ଷଣରୁ ଶିଖିବା ସହ ଛାତ୍ରଛାତ୍ରୀଙ୍କ ନିକଟରେ ଉପାଦେୟତା ପ୍ରତିପାଦନ କରିବାକୁ ଆହ୍ୱାନ ଦେଇଥିଲେ । ପରିଶେଷରେ ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ସୁନନ୍ଦା ମେକାପ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ